**ପତ୍ରପୋଡା ଓ ପତ୍ରଦାଗ ରୋଗ:** ବିହନକୁ ଥିରାମ୍ + କାର୍ବୋକ୍ସିନ୍ ୩ ଗ୍ରାମ ପ୍ରତି କିଲୋଗ୍ରାମ ବିହନରେ ଭଲଭାବରେ ଗୋଳାଇ ବିଶୋଧନ କରିବା ଉଚିତ୍ । ଏହା ପରେ ଯଦି ରୋଗର ଲକ୍ଷଣ ପରିଲକ୍ଷିତ ହୁଏ ତେବେ ୧୫ଦିନ ବ୍ୟବଧାନରେ ମାଙ୍କୋଜେବ ୩ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**କଳଙ୍କି ରୋଗ:** ଏହି ରୋଗ ପରିଲକ୍ଷିତ ହେଲେ ଆକ୍ରାନ୍ତ ପତ୍ର ଏବଂ ଗଛ ଅଂଶ ବିଶେଷକୁ ବାହାର କରି ନଷ୍ଟକରିଦେବା ଉଚିତ୍ । ମାଙ୍କୋଜେବ କିମ୍ବା କାର୍ବେଣ୍ଡାଜିମ୍ ୨ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ପ୍ରତି ୩୦ ଦିନ ବ୍ୟବଧାନରେ ସିଞ୍ଚନ କଲେ ସୁଫଳମିଳେ ।

**ନିମ୍ନମୂଖୀ ପାଉଁଶିଆ ରୋଗ:** ମେଟାଲାକ୍ସିଲ ୨ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ପତ୍ର ଉପରେ ସିଞ୍ଚନ କଲେ ନିମ୍ନମୂଖୀ ପାଉଁଶିଆ ରୋଗକୁ ପ୍ରତିହତ କରିହୁଏ ।

**ଝାଉଁଳା ରୋଗ:** ବିହନ ଉପରୋକ୍ତ ପ୍ରଣାଳୀରେ ବିଶୋଧନ କରିବା ଦ୍ୱାରା ଏହା ପ୍ରଥମବସ୍ଥାରେ ଦେଖାଯାଏ ନାହିଁ । ଏତଦ୍‌ବ୍ୟତୀତ ଖରାଟିଆ ଗଭୀର ଚାଷ କରିବାଦ୍ୱାରା ଏହା ପ୍ରତିହତ ହୋଇଥାଏ ।

**ମୂଳସଢ଼ା ଏବଂ ମୁଣ୍ଡସଢ଼ା ରୋଗ:** କପରଅକ୍ସିକ୍ଲୋରାଇଡ୍ ୪ଗ୍ରାମ୍ କିମ୍ବା ମାଙ୍କୋଜେବ ୩ଗ୍ରାମ୍ ସହିତ କ୍ଲୋରପାଇରିଫସ୍ ୨ମି.ଲି./ଲି. ପାଣିରେ ମିଶାଇ ଫସଲର ୫୦% ଫୁଲଧରିବା ସମୟରେ ପ୍ରୟୋଗ କରନ୍ତୁ ।

### ପକ୍ଷୀ ଜନିତ କ୍ଷତି :

ଶୁଆ ଘରଚଟିଆଭଳି ପକ୍ଷୀମାନେ ସୂର୍ଯ୍ୟମୁଖୀ ମଞ୍ଜିଗୁଡିକ ପାକଳ ହେବା ପୁର୍ବରୁ ଖାଇଯାଆନ୍ତି । ଦଳଦଳ ହୋଇ ପକ୍ଷୀମାନେ ଆସି ଗଛ ଫୁଲ ଉପରେ ବସି ବହୁତ କମ୍ ସମୟରେ ମଞ୍ଜିଗୁଡିକୁ ଫୁଲରୁ ବାହାର କରି ଖାଇଥାନ୍ତି । ଏହାର ପ୍ରତିକାର ପାଇଁ ସୂର୍ଯ୍ୟମୁଖୀ ଫସଲକୁ ନିର୍ଦ୍ଦିଷ୍ଟ ସ୍ଥାନରେ ବହୁଳଭାବରେ ଚାଷକରି ସାମଗ୍ରିକ ଭାବରେ ଶୁଆ ଉଡାଇବା ଉଚିତ୍ । ପକ୍ଷୀ ଉଡାଇବା ପାଇଁ ବ୍ୟବହୃତ ବାଜା, ଘଣ୍ଟ କିମ୍ବା ଢ଼ୋଲ ସହିତ ଚିକିମିକିଆ ଜରିର ବ୍ୟବହାର ଯୋଗୁଁ ପକ୍ଷୀଗୁଡିକ ଭୟପାଇଥାନ୍ତି ଏବଂ ଫସଲ ପାଖକୁ ନଆସି ଉଡିଯାଇଥାନ୍ତି । କିଆରୀ ମଝିରେ ମାନବାକୃତିର ପ୍ରତିକୃତି କରିବା ଫଳରେ ସେମାନେ ଭୟ ପାଇଥାନ୍ତି । ଏତଦ୍‌ବ୍ୟତୀତ ରାତିରେ ମୂଷା ଏବଂ ଗୁଣ୍ଡୁଚିମୂଷା ମଧ୍ୟ ସୂର୍ଯ୍ୟମୁଖୀ ମଞ୍ଜିଗୁଡିକ ଖାଇଯାଇଥାନ୍ତି । ଏମାନଙ୍କ ଦାଉରୁ ରକ୍ଷା ପାଇବା ପାଇଁ ମୂଷକ ମାରଣ ଯନ୍ତ୍ରର ବ୍ୟବହାର ଏବଂ ଔଷଧ ପ୍ରୟୋଗ କରିବା ଉଚିତ୍ ।

### ମଞ୍ଜି ଅମଳ:

ସୂର୍ଯ୍ୟମୁଖୀ ଫୁଲର ପଛପାଖ ହଳଦିଆ ପଡିଗଲେ ଏବଂ ଗଛର ତଳ ପତ୍ର ଗୁଡିକ  ଶୁଖି ବିଲରେ ଅଧିକଦିନ ରହିଲେ ସେଥିରେ ତେଲର ମାତ୍ରାକମ  ହୋଇଯାଏ ଏବଂ ଉଇଦ୍ୱାରା ଆକ୍ରାନ୍ତ ହେବାର ସମ୍ଭାବନା ଥାଏ । ଫୁଲଗୁଡିକ କାଟିବା ପରେ ୨ ରୁ ୩ ଦିନ ଶୁଖାଇ ଦିଆଯାଏ । ଶୁଖିଲା ଫୁଲରୁ ମଞ୍ଜିଗୁଡିକୁ ବାଡିରେ ବାଡେଇ କିମ୍ବା ମଞ୍ଜିଛଡା ଯନ୍ତ୍ର ସାହାଯ୍ୟରେ ଅମଳ କରାଯାଏ । ମଞ୍ଜିଗୁଡିକ ସାଇତି ରଖିବା ପୂର୍ବରୁ ଭଲଭାବରେ ଶୁଖାଇବା ଯେପରି ଏହାର ଆର୍ଦ୍ରତା ୯ ରୁ୧୦ ପ୍ରତିଶତ ମଧ୍ୟରେ ରୁହେ । ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ କଲେ ଏକର ପିଛା ହାରାହାରି ୩୦୦-୫୦୦ କିଲୋଗ୍ରାମ ମଞ୍ଜି ଅମଳ ହୋଇଥାଏ । ଜଳସେଚିତ ଅଞ୍ଚଳରେ ହାରାହାରି ୬୦୦ ରୁ ୮୦୦ କିଲୋଗ୍ରାମ୍ ଅମଳ ମିଳିଥାଏ । ମଞ୍ଜିରୁ ୩୦ରୁ ୩୫% ତେଲ ଆଦାୟ ହୁଏ । ତେଲ ପେଡିବା ପରେ ପରେ ଏଥିରେ ଜଳୀୟଅଂଶ ମିଶିଥାଏ ଏବଂ ଏହାକୁ ମେସିନ ସାହାଯ୍ୟରେ ସଫାକରି ଖାଦ୍ୟୋପଯୋଗୀ କରାଯାଏ । ସୂର୍ଯ୍ୟମୁଖୀ ତେଲ ଆଦାୟ ପରେ ଏହାର ଖଦା ମାଛଖାଦ୍ୟ ଏବଂ ଗୋ-ଖାଦ୍ୟ ଭାବରେ ବ୍ୟବହାର କରାଯାଏ । ମଞ୍ଜି ଅମଳ ପରେ ସୂର୍ଯ୍ୟମୁଖୀ ଫୁଲ, କାଣ୍ଡ ଓ ପତ୍ର ଜାଳେଣୀ ଭାବରେ କିମ୍ବା କମ୍ପୋଷ୍ଟ ଖତ ତିଆରିରେ ବ୍ୟବହାର କରିହୁଏ । ସୂର୍ଯ୍ୟମୁଖୀ କାଣ୍ଡରେ ଟ୍ରାଇକୋଡର୍ମା ଭିରିଡେ ଏବଂ ଗୋବର ବ୍ୟବହାର କରି ଉନ୍ନତମାନର ଖତ ପ୍ରସ୍ତୁତ କରିହେବ ।

# ସୂର୍ଯ୍ୟମୁଖୀ ଚାଷ: ଚାଷୀ ମୁହଁରେ ଫୁଟାଏ ହସ




ବିଷୟବସ୍ତୁ

ଶ୍ରୀ ତାପସ ରଂଜନ ସାହୁ, ଶ୍ରୀ ପ୍ରଭଞ୍ଜନ ମିଶ୍ର

ସଂପାଦନା: ଡ. ସୂର୍ଯ୍ୟ ନାରାୟଣ ମିଶ୍ର

କୃଷିବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର


भाकृअनुप ICAR

## ସୂର୍ଯ୍ୟମୁଖୀର କିସମ ଚୟନ:

(କ) ସଂକର କିସମ ବା ହାଇବ୍ରିଡ୍- ଏମ୍. ଏସ୍.ଏଫ.ଏଚ୍-୮, ଏମ୍.ଏସ୍.ଏଫ୍. ଏଚ୍-୧୭, କେ.ବି.ଏସ୍.ଏଚ୍-୧, ବି.ଏସ୍.ଏଚ୍-୧, ପି.ଏ.ସି-୩୬, ଜ୍ୱାଳାମୁଖୀ ଜଳକ୍ଲିଷ୍ଟ ଅଞ୍ଚଳ ପାଇଁ ଉପଯୁକ୍ତ ।

(ଖ) ନୂତମ କିସମ- ମଡର୍ଣ୍ଣ, ସୂର୍ଯ୍ୟ, ଡି.ଆର.ଏସ୍.ଏଫ-୧୦୮ ଇତ୍ୟାଦି ।

## ଜମି ପ୍ରସ୍ତୁତି:

ଜମିକୁ ପ୍ରଥମେ ମୋଡପତ୍ର ଲଙ୍ଗଳରେ ଭଲଭାବେ ଚାଷକରି ବିଦା କିମ୍ବା ଦେଶୀ ଲଙ୍ଗଳ ସାହାଯ୍ୟରେ ମାଟିକୁ ଗୁଣ୍ଡ କରିଦିଆଯାଏ । ଜମି ଉଚ୍ଚାନିଚ୍ଚା ଥିଲେ ମଇ ସାହାଯ୍ୟରେ ସମତୁଲ କରି ପାଣି ମଡାଇବା ପାଇଁ ଏବଂ ଅତ୍ୟଧିକ ଜଳ ନିଷ୍କାସନ ପାଇଁ ନାଳକାଟି ଦିଆଯାଏ । ଜମିର ଆର୍ଦ୍ରତା ନଥିଲେ ମଞ୍ଜି ବୁଣିବା ଆଗରୁ ଜମିରେ ପାଣି ମଡାଇବା ଦରକାର ।

## ବିହନ ପ୍ରସ୍ତୁତି:

ଏକର ପିଛା ୩ରୁ ୪ କିଲୋଗ୍ରାମ ଉନ୍ନତ କିସମ କିମ୍ବା ୧.୫ ରୁ ୨ କିଲୋଗ୍ରାମ ସଂକର କିସମର ବିହନକୁ ୨-୩ଗ୍ରାମ କ୍ୟାପଟାନ କିମ୍ବା ଥିରାମ କିମ୍ବା କାର୍ବୋକ୍ସିନ୍ ଗୁଣ୍ଡକୁ ପ୍ରତି କିଲୋଗ୍ରାମ ବିହନରେ ଗୋଳାଇ ବିଶୋଧନ କରାଯାଏ । ଜୀବାଣୁ ସାର ପ୍ରୟୋଗ ଦ୍ୱାରା ଭଲ ଗଜା ହୋଇଥାଏ ଏବଂ ଯବକ୍ଷାରଜାନ ବିବନ୍ଧନ ହୋଇଥାଏ । ଜମିରେ ଆର୍ଦ୍ରତା ଠିକ୍ ନଥିଲେ ବିହନକୁ ୬ ରୁ ୮ଘଣ୍ଟା ପର୍ଯ୍ୟନ୍ତ ପାଣିରେ ବତୁରାଇ ଛାଇରେ ଶୁଖାଯାଏ ଏବଂ ତା'ପରେ ଜମିରେ ବୁଣାଯାଏ ।

## ବିହନ ବୁଣିବା ସମୟ:

ବର୍ଷାଦିନରେ ଜୁନ୍‌ମାସର ଦ୍ୱିତୀୟାର୍ଦ୍ଧରେ କିମ୍ବା ଜୁଲାଇମାସର ପ୍ରଥମାର୍ଦ୍ଧଠାରୁ ଅଗଷ୍ଟ ମାସ ପ୍ରଥମାର୍ଦ୍ଧ ସୂର୍ଯ୍ୟମୁଖୀ ବୁଣିବା ପାଇଁ ସର୍ବୋତ୍କୃଷ୍ଟ ସମୟ । ଜଳକ୍ଲିଷ୍ଟ ଅଞ୍ଚଳରେ ରବି ଋତୁରେ ଡିସେମ୍ବର ମାସ ପ୍ରଥମାର୍ଦ୍ଧରେ ମଧ୍ୟ ବୁଣାବୁଣି ସାରିଦେବା ଉଚିତ୍ ।

## ବିହନ ବୁଣିବା ପ୍ରଣାଳୀ:

ମଞ୍ଜି ଗୁଡିକ ୩ ରୁ ୫ ସେଣ୍ଟିମିଟର ଗଭୀରତାରେ ପୋତିବା ଯୋଗୁ ମଞ୍ଜିରୁ ହୃଷ୍ଟପୁଷ୍ଟ ଗଜା ଠିକ୍ ସମୟରେ ବାହାରେ । ଉନ୍ନତ କିସମ ପାଇଁ ଧାଡିକୁ ଧାଡି ୪୫ ସେଣ୍ଟିମିଟର ବ୍ୟବଧାନ ଏବଂ ଗଛକୁ ଗଛ ୩୦ ସେଣ୍ଟିମିଟର ବ୍ୟବଧାନରେ ରଖି ଏବଂ ଗଛକୁ ଗଛ ୩୦ ସେଣ୍ଟିମିଟର ଏବଂ ସଂକର କିସମ ଗୁଡିକ ପାଇଁ ଧାଡିକୁ ଧାଡି ୬୦ସେଣ୍ଟିମିଟର ବ୍ୟବଧାନ ଏବଂ ଗଛକୁ ଗଛ ୩୦ ସେମିରେ ପୋତିଲେ ଗଛଗୁଡିକ ସ୍ୱାସ୍ଥ୍ୟ ଭଲ ରହେ ଏବଂ ଗଛଗୁଡିକ ଅତ୍ୟଧିକ ଡେଙ୍ଗା ନହୋଇ ହୃଷ୍ଟପୁଷ୍ଟ ହୋଇ ବଢ଼ନ୍ତି ଫଳରେ ଫୁଲଧରିବା ପରବର୍ତ୍ତୀ ସମୟରେ ଅତ୍ୟଧିକ ବର୍ଷା ପବନ ହେଲେ ମଧ୍ୟ ଗଛଗୁଡିକ ଭାଙ୍ଗି ନଥାଏ । ମଞ୍ଜିଗୁଡିକ ଲଙ୍ଗଳ ସିଆରରେ ହାତରେ କିମ୍ବା କାହାଲୀ ସାହାଯ୍ୟରେ ବୁଣାଯାଏ ।

## ଖତ ଓ ସାର ପ୍ରୟୋଗ:

ଏକର ପିଛା ୨ ରୁ ୩ ଟନ୍ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ମଞ୍ଜି ବୁଣିବାର ୨ ରୁ ୩ ସପ୍ତାହ ପୂର୍ବରୁ ଜମିରେ ପ୍ରୟୋଗ କଲେ ଜମିର ଜୈବିକ ଓ ଭୌତିକ ପରିସ୍ଥିତି ସଠିକ୍ ରହେ । ଆଜୋଟୋବ୍ୟାକ୍ଟର ଏବଂ ଆଜୋସ୍ପିରିଲମ୍ ବିହନରେ ପ୍ରୟୋଗ ଦ୍ୱାରା ଶତକଡା ୫୦ ଭାଗ ପର୍ଯ୍ୟନ୍ତ ଯବକ୍ଷାରଜାନ ବିବନ୍ଧନ ମାଧ୍ୟମରେ ମିଳିଥାଏ । ଉନ୍ନତ କିସମ ପାଇଁ ଏକର ପିଛା ୧୨କିଲୋଗ୍ରାମ ଯବକ୍ଷାରଜାନ, ୧୨ କିଲୋଗ୍ରାମ ଫସଫରସ ଏବଂ ୧୨କିଲୋଗ୍ରାମ ପଟାସ ଏବଂ ସଂକର କିସମ ପାଇଁ ଏକର ପିଛା ଯବକ୍ଷାରଜାନ ୩୨ କିଲୋଗ୍ରାମ ଫସଫରସ୍ ଏବଂ ୨୪ କିଲୋଗ୍ରାମ ପଟାସ ସାର ଦରକାର ହୋଇଥାଏ । ଏ ସମସ୍ତ ସାରର ଅର୍ଦ୍ଧେକ ମୂଳସାର ହିସାବରେ ଏକ ଚତୁର୍ଥାଂଶ ମଞ୍ଜି ବୁଣିବାର ୨୫ ଦିନ ପରେ ଏବଂ ବଳକା ଏକ ଚତୁର୍ଥାଂଶ ବୁଣିବାର ୪୫ ଦିନ ପରେ ପ୍ରୟୋଗ କରାଯାଏ । ସଲଫର ସୂର୍ଯ୍ୟମୁଖୀ ତେଲର ଏକ ଜରୁରୀ ଆବଶ୍ୟକତା ତଥା ଉପାଦାନ ହୋଇଥିବାରୁ ଫସଲରେ ଫସଫରସ ସାର ସିଙ୍ଗିଲ ସୁପର ଫସ୍‌ଫେଟ୍ ମାଧ୍ୟମରେ ପ୍ରୟୋଗ କଲେ ଉପକାର ମିଳିଥାଏ ।

## ତୃଣକ ଦମନ:

ମାଟିର ଆର୍ଦ୍ରତା ଓ ଖାଦ୍ୟ ସାରର ଉପଯୁକ୍ତ ଲାଭ ଉଠାଇବା ପାଇଁ ତୃଣକ ଦମନ ଅତ୍ୟନ୍ତ ଜରୁରୀ । ତୃଣକ ରହିତ ପରିବେଶ ଅତିକମ୍‌ରେ ୪୫ ଦିନ ପର୍ଯ୍ୟନ୍ତ ରହିବା ନିତାନ୍ତ ଆବଶ୍ୟକ । ମଞ୍ଜି ବୁଣିବାର ୨୦ ଏବଂ ୩୦ ଦିନ ପରେ କୋଡାଖୋସା କରି ଘାସ ବାଛିଦେଲେ ଏହା ଦମନ ହୋଇଥାଏ । ତୃଣକ ଦମନକାରୀ ରାସାୟନିକ ଔଷଧ ଯଥା ପେଣ୍ଡିମେଥାଲିନ୍ ମଞ୍ଜି ବୁଣିବାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଜମିରେ ଏକର ପିଛା ୧.୨ ଲିଟର ରୁ ୧.୪ଲିଟର ପର୍ଯ୍ୟନ୍ତ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ସହିତ ମଞ୍ଜି ବୁଣିବାର ୩୫ ଦିନ ପରେ ଗୋଟିଏ ଥର ଘାସ ବାଛିଦେଲେ ଜମି ତୃଣକ ରହିତ ହୋଇଯାଏ ।

## ଜଳ ପରିଚାଳନା:

ବର୍ଷା ପାଣିର ଅଭାବ ପରିଲକ୍ଷିତ ହେଲେ ଫସଲରେ ଆବଶ୍ୟକତା ମୁତାବକ ଜଳସେଚନର ବ୍ୟବସ୍ଥା କରିବା ଦରକାର । ରବିଋତୁ ଏବଂ ଗ୍ରୀଷ୍ମ ଋତୁରେ ସୂର୍ଯ୍ୟମୁଖୀ ଚାଷ ପାଣି ଉପରେ ନିର୍ଭର କରିଥାଏ । ତେଣୁ ୧୫ ଦିନ ଅନ୍ତରରେ କିମ୍ବା ଜମିରେ ବତର ଦେଖି ୫ ରୁ ୬ ଥର ପାଣି ମଡାଇବା ଦରକାର । ଗଛ ୪ ରୁ ୫ ପତ୍ର ଅବସ୍ଥା, ଫୁଲ ଗୋଟି ତିଆରି ଅବସ୍ଥା, ଫୁଲ ଧରିବା ଏବଂ ମଞ୍ଜି ତିଆରି ହେବା ଅବସ୍ଥା ଜଳର ଆବଶ୍ୟକତା ଦୃଷ୍ଟିରୁ ସଂକଟ ସମୟ ଭାବରେ ଧରାଯାଏ । ଏ ସମୟରେ ମାଟିରେ ଜଳର ଅଭାବ ପରିଲକ୍ଷିତ ହେଲେ ଅମଳ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥାଏ ।

## ବାହ୍ୟକାରକ ଦ୍ୱାରା ପରାଗ ସଂଗମ:

ସୂର୍ଯ୍ୟମୁଖୀ ଫୁଲରେ ପରାଗ ସଂଗମ ମୁଖ୍ୟତଃ ମହୁମାଛି ଦ୍ୱାରା ହୋଇଥାଏ । ତେଣୁ ଏକର ପିଛା ୨ ରୁ ୩ ଟି ମହୁମାଛି ବାକ୍ସ ଜମିରେ କିମ୍ବା ଜମିପାଖ ଘରମାନଙ୍କରେ ରଖିବା ଦ୍ୱାରା ଫସଲରେ ଅମଳ ବଢ଼ିଥାଏ । ଯେକୌଣସି ବିଷ ପ୍ରୟୋଗ ସମୟରେ ମହୁମାଛିର କ୍ଷୟକ୍ଷତି ବିଷୟରେ ଚିନ୍ତା କରିବା ଆବଶ୍ୟକ । ପରାଗ ସଂଗମ ସମୟରେ ଔଷଧ ପ୍ରୟୋଗ ପୁରାପୁରି ବନ୍ଦ କରିଦେଲେ ଭଲ ।

## ରୋଗପୋକ ନିରାକରଣ ଓ ପରିଚାଳନା:

**କର୍ତ୍ତନ ପୋକ:** ମଞ୍ଜିକୁ ହୁଡାର ଗଡାଣିଆ ଅଞ୍ଚଳରେ ଲଗାନ୍ତୁ ଏବଂ ଦରକାର ହେଲେ କ୍ଲୋରୋପାଇରିଫସ୍ ଏକର ପିଛା ୧ ଲିଟର ପାଣି ମଡାଇବା ସମୟରେ ମିଶାଇ ପ୍ରୟୋଗ କରନ୍ତୁ ।

**ଝିଣ୍ଟିକା:** ଅନାବନା ଘାସ ସଫାକରି ମିଥାଇଲ ପାରାଥିଅନ ୨% ଗୁଣ୍ଡ ଏକର ପିଛା ୧୦ କେଜି ପକାନ୍ତୁ ।

**ପତ୍ରଡିଆଁ ପୋକ:** ବିହନ ଉପଚାର ସମୟରେ ଇମିଡାକ୍ଲୋପ୍ରିଡ୍ କିଲୋପ୍ରତି ୫ଗ୍ରାମ୍ ହିସାବରେ ଦିଅନ୍ତୁ ।

**ଧଳା ମାଛି:** ଏସିଟାମିପ୍ରିଡ୍ ୦.୫ଗ୍ରାମ୍ କିମ୍ବା ଡାଇମେଥଏଟ୍ ୨ମିଲି/ଲିଟର ପାଣି ମିଶାଇ ସିଞ୍ଚନ କରନ୍ତୁ ।

**ସାଂବାଲୁଆ:** ଅଣ୍ଡାଗୁଡିକ ହାତରେ ସଂଗ୍ରହକରି ପୋତିଦିଅନ୍ତୁ କିମ୍ବା ଡାଇକ୍ଲୋରୋଭସ୍ ୧ ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ ମାଧ୍ୟମରେ ମଧ୍ୟ ଏହା ନିରାକରଣ କରିହୁଏ ।

**ଫୁଲ ଛିଦ୍ରକାରୀ ସାଂବାଲୁଆ:** କ୍ଲୋରପାଇରିଫସ୍ କିମ୍ବା ଟ୍ରାଇଜୋଫସ୍ ୨ ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ବ୍ୟାସିଲସ୍ ଥୁରିନ୍‌ଜିଏନସିସ୍ ନାମକ ବୀଜାଣୁ ୫ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।